REGIONAL NEWS UNIT, AIR CUTTACK

Evening Bulletin (6.45 PM)

3 Novemeber – 2026

****

ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ଓଡିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ କହିଲେ ମୁଖ୍ୟମନ୍ତ୍ରୀ

- ଭାରତ ଅକ୍ଷୟଶକ୍ତି ସମ୍ମିଳନୀରେ ରାଜ୍ୟକୁ ମିଳିଲା ୧ ଲକ୍ଷ ୧୭ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ

- ବାତ୍ୟା ମୁରାସୁ' ଆଜି ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା

- ଗଜପତିରେ ବାତ୍ୟା ଓର୍ଣ୍ଣବ ପରବର୍ତ୍ତୀ ସ୍ଥିତିର ଅନୁଧ୍ୟାନ କଲେ କେନ୍ଦ୍ରୀୟ ଦଳ

- ରାଜ୍ୟରେ ଜାନୁୟାରୀ ୧୦ତାରିଖରୁ ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା

ଏବଂ

- ଭୁବନେଶ୍ୱରରେ ଆରମ୍ଭ ହେଲା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ'

ନବିକରଣୀୟ ଶକ୍ତି ସମ୍ମିଳନୀ

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ଓଡିଶା ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬'ରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ୨୦୪୭ ମସିହା ସୁଦ୍ଧା ରାଜ୍ୟରେ ମୋଟ ସ୍ଥାପିତ ବିଦ୍ୟୁତ କ୍ଷମତାର ୭୪ପ୍ରତିଶତ ଅଣଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ସହ ଶିଳ୍ପ କ୍ଷେତ୍ରରେ ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀତିରେ ସ୍ଥିରତା, ମଞ୍ଜୁରୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତୀତା ଉପରେ ଆଲୋକପାତ କରି ଶିଳ୍ପପତିମାନଙ୍କୁ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଛନ୍ତି । ଓଡିଶା ପାଭିଲିୟନକୁ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, **- V/O -**

ଏହି ଅବସରରେ ଓଡିଶା ୧୮ଟି ବୁଝାମଣାପତ୍ର ସ୍ୱାକ୍ଷର କରିବା ସହ ପ୍ରାୟ ୧ଲକ୍ଷ ୧୭ହଜାର ୫୫୭କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି । ଏହି ପ୍ରକଳ୍ପଗୁଡିକ ମାଧ୍ୟମରେ ରାଜ୍ୟର ଅକ୍ଷୟଶକ୍ତି

କ୍ଷେତ୍ରରେ ପ୍ରାୟ ୧୧ହଜାର ୭୪୨ ମେଗାୱାଟ ବିଦ୍ୟୁତ ଉତ୍ପାଦନ କ୍ଷମତା ଯୋଡି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ମୁରାସୁ

ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଭୀଷଣ ସାମୁଦ୍ରିକ ବାତ୍ୟା **ମୁରାସୁ** ଆଜି ଭୋର ସମୟରେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ତଟବର୍ତ୍ତୀ ଅଞ୍ଚଳ ନେଲୋର ଏବଂ ନର୍ସାପୁର ମଧ୍ୟରେ ଅଙ୍ଗୋଲଠାରେ ସ୍ଥଳଭାଗ ଅତିକ୍ରମ କରିଛି । ଗତ ୬ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୮କିଲୋମିଟର ବେଗରେ ବାତ୍ୟା ମୁରାସୁ' ଗତିକରି ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଉପରେ କେନ୍ଦ୍ରୀଭୂତ ରହିଛି । ଏହା ଆଗକୁ ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତି ଜାରି ରଖିବା ସହ ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି । ଆଜି ମଧ୍ୟରାତ୍ରି ସୁଦ୍ଧା ଏହା ଆହୁରି ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୫୫ରୁ ୬୫କିଲୋମିଟର ଏବଂ ଝଟକା ପବନର ବେଗ ୭୫ କିଲୋମିଟର ରହିବା ନେଇ ଆକଳନ କରାଯାଇଛି ।

ବାତ୍ୟା ମୁରାସୁର ମୁକାବିଲା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ ଏବଂ କନ୍ଧମାଳ ଜିଲ୍ଲାରୁ ୧ଲକ୍ଷ ୬୦ ହଜାର ୨୧ ଜଣଙ୍କୁ

ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି ଦକ୍ଷିଣ ଓଡ଼ିଶାରେ ଜିଲ୍ଲାଗୁଡ଼ିକରେ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାର ୧୪ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି।

ବାତ୍ୟା ଓର୍ଣ୍ଣବ ଯୋଗୁଁ ଲଗାଣ ବର୍ଷା ଏବଂ ବନ୍ୟା ପ୍ରଭାବରେ ବିଶେଷଭାବେ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ବାତ୍ୟା ମୁରାସୁ’ ସଂକ୍ରାନ୍ତରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପରିସ୍ଥିତି ନିରୀକ୍ଷଣ କରୁଛନ୍ତି ଏବଂ ସମସ୍ତ ପ୍ରକାର ପରିସ୍ଥିତି ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ।

ଓର୍ଣ୍ଣବ କ୍ଷୟକ୍ଷତି ଆକଳନର ପ୍ରାଥମିକ ରିପୋର୍ଟ ପ୍ରସ୍ତୁତ କରି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପରେ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇ କେନ୍ଦ୍ର ନିକଟରେ ଦାଖଲ କରାଯିବ । ପ୍ରଭାବିତ ଜନସାଧାରଣଙ୍କ ସହ ରାଜ୍ୟ ସରକାର ସମ୍ପୂର୍ଣ୍ଣଭାବେ ଅଛନ୍ତି ।

ସମସ୍ତ ପ୍ରକାର ସୁବିଧା ଉପଲବଧ କରାଇବା ପାଇଁ ନିରନ୍ତର ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

କେନ୍ଦ୍ରୀୟ ଟିମ୍ ଗସ୍ତ

ବାତ୍ୟା 'ଓର୍ଣ୍ଣବ', ପରବର୍ତ୍ତୀ ଲଗାଣ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଗଜପତି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହାର ସ୍ଥିତି ଆକଳନ ପାଇଁ ଆଜି ୮ଜଣିଆ ଅନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍– ଆଇ.ଏମ୍.ସି.ଟି. ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କ୍ଷୟକ୍ଷତି ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଏହି କେନ୍ଦ୍ରୀୟ ଟିମ୍ କ୍ଷେତ୍ର ସ୍ଥଳରେ ବାତ୍ୟା ଓ ବନ୍ୟା କ୍ଷୟକ୍ଷତିର ସ୍ଥିତି ଅନୁଧାନ କରିବା ସହ କୃଷି, ରାସ୍ତା, ବିଦ୍ୟୁତ, ଜଳସମ୍ପଦ ଓ ଅନ୍ୟାନ୍ୟ କ୍ଷେତ୍ରର କ୍ଷତି ଆକଳନ କରୁଥିବା ଜଣାପଡିଛି । ପୂର୍ବରୁ କେନ୍ଦ୍ରୀୟ ଟିମ୍ ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ସମ୍ପର୍କରେ କ୍ଷେତ୍ର ଅନୁଧାନ କରିଛନ୍ତି ।

କୋଟିଆ–ରାଜସ୍ୱ ମନ୍ତ୍ରୀ

କୋରାପୁଟ ଜିଲ୍ଲାର କୋଟିଆ ଓଡିଶାର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆଗାମୀ ଦିନରେ ମଧ୍ୟ ଏହା ରାଜ୍ୟର ଅଂଶ ହୋଇ ରହିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । କୋଟିଆକୁ ନେଇ ଓଡିଶା ଓ

ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ପୂଜାରୀ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରି ଆନ୍ଧ୍ରପ୍ରଦେଶ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି । କୋଟିଆ ପ୍ରସଙ୍ଗରେ ସମସ୍ତ ଦଳର ନେତା ଏକତ୍ର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

Desk

ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ଆସନ୍ତା ଜାନୁୟାରୀ ମାସ ୧୦ତାରିଖରେ ଆରମ୍ଭ ହେବ । ଏହି ପର୍ଯ୍ୟାୟରେ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ଜାତି ବାବଦରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ ବୋଲି ରାଜ୍ୟ ଜନଗଣନା ଏବଂ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ କହିଛନ୍ତି । ଜାନୁୟାରୀ ମାସ ୨୫ତାରିଖରୁ ଫେବୃୟାରୀ ମାସ ୨୮ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏପ୍ରିଲ ମାସ ଶେଷ ସୁଦ୍ଧା ଜନଗଣନା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ମାସ ପର୍ଯ୍ୟନ୍ତ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିବ ବୋଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ କହିଛନ୍ତି ।

ଓ.ଏସ.ସି.ପି.ସି.ଆର. ପ୍ରତିଷ୍ଠା ଦିବସ

ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ.ଏସ.ସି.ପି.ସି.ଆର.ର ୧୬ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ କହିଛନ୍ତି, ଶିଶୁମାନଙ୍କ ଅଧିକାର ସୁରକ୍ଷା, ସୁରକ୍ଷିତ ଏବଂ ସମ୍ମାନଜନକ ଜୀବନ ପ୍ରଦାନ କରିବା ସହ ପ୍ରତ୍ୟେକ ଶିଶୁଙ୍କୁ ଉପଯୁକ୍ତ ଯତ୍ନ, ସୁଯୋଗ ଓ ମାର୍ଗଦର୍ଶନ ଯୋଗାଇବାରେ ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ମହକ-ଉପମୁଖ୍ୟମନ୍ତ୍ରୀ

ଶିଶୁଙ୍କ ପ୍ରତ୍ୟେକ ସ୍ୱପ୍ନକୁ ପୂରଣ କରିବା ପାଇଁ ସରକାର ସବୁସ୍ତରରେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ମହକ-୨୦୨୬’ର ଉଦ୍‌ଘାଟନ କରି ଶ୍ରୀମତୀ ପରିଡା କହିଛନ୍ତି, ଶିଶୁମାନଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ, ମର୍ଯ୍ୟାଦା, ସମାନ ସୁଯୋଗ ଓ ଉପଯୁକ୍ତ ମାର୍ଗଦର୍ଶନ ଯୋଗାଇ ଦେବା ସମସ୍ତଙ୍କ ନୈତିକ ଦାୟିତ୍ୱ । ମହୋତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ

ପିଲାମାନଙ୍କ ପ୍ରତିଭାର ପ୍ରଶଂସା କରିଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଥିବା ଶିଶୁମାନଙ୍କ ପ୍ରତିଭା, ସୃଜନଶୀଳତା ଓ ଆତ୍ମବିଶ୍ୱାସର ଅପୂର୍ବ ପ୍ରଦର୍ଶନୀ ଦେଖିବାକୁ ମିଳିଥିଲା । ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ । ଆସନ୍ତାକାଲି ମହକ୍ ଉଦ୍‌ଯାପିତ ହେବାକୁ ଥିବାବେଳେ ପରବର୍ତ୍ତୀ ତିନିଦିନ ‘ଉତ୍ସାହ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

ଅଠରନଳା ସୌନ୍ଦର୍ଯ୍ୟକରଣ

ଐତିହ୍ୟ ସମ୍ପନ୍ନ ପୁରୀ ଅଠରନଳାର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ସହ ଏହାକୁ ପର୍ଯ୍ୟଟନ ଉପଯୋଗୀ କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି । ଆଜି ଐତିହ୍ୟସ୍ଥଳ ଅନୁଧ୍ୟାନ ଅବସରରେ ଜିଲ୍ଲାପାଳ କହିଛନ୍ତି, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସହ ବାଲୁକାକଳା ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ପୁରୀରେ ବାଲୁକାକଳା ସଂଗ୍ରହାଳୟ ପ୍ରତିଷ୍ଠା କରାଯିବ । ସେହିପରି ଖଣ୍ଡିଆବନ୍ଧ ସ୍ଥିତ ପୁରୀ ଲେକ୍ ପ୍ରକଳ୍ପକୁ ଆକର୍ଷଣୀୟ କରାଯିବା ଲକ୍ଷ୍ୟରେ ଚାଲିଥିବା ସାଇକ୍ଲିଂ, ୱାକିଂ, ବୋଟିଂ ଓ ଜିମ୍ ଇତ୍ୟାଦି କାର୍ଯ୍ୟର ଅନୁଧ୍ୟାନ କରିଥିଲେ ।

ବର୍ତ୍ତମାନ ଖବର ସଂକ୍ଷିପ୍ତରେ...

- ବଜ୍ରପାତରୁ ରକ୍ଷା ପାଇବା ପାଇଁ ଦେବଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରଥକୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

- **ଦେବଗଡ** ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ଶ୍ରମ ଅଧିକାରୀ ଭରତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

- **ନୟାଗଡ** ଜିଲ୍ଲା ଓଡଗାଁ ଶିକ୍ଷା ମଣ୍ଡଳସ୍ତରୀୟ 'ସୁରଭି' ପ୍ରତିଯୋଗିତା ଗୋଡିପଡାସ୍ଥିତ ସର୍ଦ୍ଦାର ପଟେଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

- **ସୁବର୍ଣ୍ଣପୁର** ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବମ ସୁରଭି ଜିଲ୍ଲା ସଦରମହକୁମା ସ୍ଥିତ ମହାରାଜା ଉଚ୍ଚବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି ।

- ଯୁବପିଢିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି ଉଦ୍ଦେଶ୍ୟରେ ମାଇ ଭାରତ, ସମ୍ବଲପୁର ପକ୍ଷରୁ ଆସନ୍ତା ୫ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁବ ସଂସଦ ଉପଲକ୍ଷେ ଆଜି ପୋଷ୍ଟର ଓ ସୂଚନାପତ୍ର ଉନ୍ମୋଚନ କରାଯାଇଛି ।

- ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ନେଇ ଏକଦିନିଆ ଶକ୍ତିଶ୍ରୀ ଆତ୍ମ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।
- ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆଜି ନୟାଗଡ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ, ଖାଦ୍ୟମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।